# ସଂସ୍କୃତି ବିହାର

• ବସନ୍ତ ମହାନ୍ତି

ଅନେକ ଦିନ ତଳର କଥା । ବାଲିଯାତ୍ରା ଦେଖି ଆସିଥାଏ ବାପାଙ୍କ ସହିତ । କୋଳାହଳ ଭିତରୁ ହଠାତ୍ ଶୁଭିଲା ଗୀତିନାଟ୍ୟର ସାଂକେତିକ ଯନ୍ତ୍ର ସଙ୍ଗୀତ । ଚଞ୍ଚଳ ହୋଇ ଉଠିଲା ମନ । ଘରକୁ ଫେରିବାର ସମୟ ହୋଇ ଯାଇଥିଲେ ମଧ୍ୟ କେମିତି ଏକ ଅନନୁଭୂତ ପୁଲକର ବଶବର୍ତ୍ତୀ ହୋଇ ଟାଣି ହୋଇ ଆସିଲି ଗଡ଼ଖାଇ ଆଡ଼କୁ । ଗଡ଼ଖାଇ ଏପଟକୁ ଠିଆ ହୋଇଥିବା ହଜାର ହଜାର ଦର୍ଶକମାନଙ୍କ ସହ ସାମିଲ ହୋଇଗଲି ଗଡ଼ଖାଇ ସେପଟେ ମଞ୍ଚ ଉପରେ ଅଭିନୀତ ହେଉଥାଏ ବୈଷ୍ଣବ ପାଣିଙ୍କ ଗୀତିନାଟ୍ୟ । ଗଡ଼ଖାଇର ବିଲାତିଦଳ ସେତେବେଳକୁ ସଫା ହୋଇ ପରିଷ୍କାର ଦିଶୁଥାଏ । ପାଣି ଉପରେ ପ୍ରତିଫଳିତ ହେଉଥାଏ ରଙ୍ଗମଞ୍ଚ ସହିତ ଭିନ୍ନ ଭିନ୍ନ ପୋଷାକରେ ସଜ୍ଜିତ ଅଭିନେତା ଏବଂ ଅଭିନେତ୍ରୀମାନଙ୍କର ସ୍ୱରୂପ ମୁଁ ବିଭୋର ଅବସ୍ଥାରେ ଅବଲୋକନ କରୁଥିଲି ସେଇ ସବୁ ଦୃଶ୍ୟକୁ । ମୋର ନାଟୁଆ ମନକୁ ଭାରି ସୁହାଉଥିଲା ସେଦିନର ସେହି ଗୀତାଭିନୟ । ତାପରେ ପ୍ରାୟ ପ୍ରତିବର୍ଷ ମୁଁ ଗଡ଼ଖାଇ ଏପଟେ ଘଣ୍ଟା ଘଣ୍ଟା ଠିଆ ହୋଇ ଦେଖିଛି ଅନେକ ଗୀତିନାଟ୍ୟ । ବୋଧହୁଏ ସେତେବେଳେ ଅଭିନେତା, ନିର୍ଦ୍ଦେଶକ ଏବଂ ସଂସ୍କୃତିପ୍ରେମୀ ଧୀରେନ ଦାଶଙ୍କ ଉଦ୍ୟମରେ ଅନୁଷ୍ଠିତ ହେଉଥିଲା ସେଇ ଗୀତାଭିନୟଗୁଡ଼ିକ । ତାଙ୍କୁ ସହାୟତା କରୁଥିଲେ ନାରଣ ଭାଇ (ନିର୍ଦ୍ଦେଶକ ନାରାୟଣ ସିଂହ), ସରୋଜ ଭାଇ (ପ୍ରଫେସର ସରୋଜ ସିଂହ) ପ୍ରମୁଖ । ଯେଉଁ ସଂସ୍ଥା ଦ୍ୱାରା ଏହି ଗୀତିନାଟ୍ୟ ଗୁଡ଼ିକ ମଞ୍ଚସ୍ଥ ହେଉଥିଲା - ସେଇ ସଂସ୍ଥାର ନାମ ଥିଲା - ସଂସ୍କୃତି ବିହାର । ଗୀତିନାଟ୍ୟର ପ୍ରଚାର ପ୍ରସାର ପାଇଁ ସଂସ୍କୃତି ବିହାରର ଅବଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ ।

ଧୀରେନ ଦାଶଙ୍କ ବିୟୋଗ ପରେ ସଂସ୍କୃତି ବିହାରର ପରିଚାଳନା ଭାର ବହନ କଲେ ନାରାୟଣ ସିଂହ, ପ୍ରଫେସର ସରୋଜ ସିଂହ ଏବଂ ପ୍ରଫେସର ନିର୍ମଳକାନ୍ତି ସେନ୍‌ଙ୍କ ପରି ସଂସ୍କୃତି ପ୍ରେମୀମାନେ । ଲିଭି ଆସୁଥିବା ସଳିତା, ଏମାନଙ୍କ ବଳିଷ୍ଠ ଉଦ୍ୟମରେ ପୁଣି ଥରେ ଜଳି ଉଠିଲା । ମଞ୍ଚରେ ନୂତନ ପ୍ରୟୋଗ କରି ଏମାନେ ଗୀତିନାଟ୍ୟକୁ ଆହୁରି ଲୋକପ୍ରିୟ କଲେ । ପୂର୍ବରୁ ଅଭିନୟ କରୁଥିବା କଳାକାରମାନେ ସଂଳାପ ସହିତ ଗୀତ ଗାଉଥିଲେ । ଏମାନେ ଗୀତ ବିଭିନ୍ନ ଶିଳ୍ପୀମାନଙ୍କ କଣ୍ଠରେ ରେକର୍ଡ଼ିଂ କରି ପ୍ଲେବ୍ୟାକ ମାଧ୍ୟମରେ ପରିବେଷଣ କରିବା ଦ୍ୱାରା ଦର୍ଶକମାନେ ଚମତ୍କୃତ ହେଲେ । ଏହି ସମୟରେ ଗୀତ ଗାଇବା ପାଇଁ ନାରଣ ଭାଇ ମତେ କହିଲେ ଏବଂ ମୁଁ ପୂର୍ବ ଆସକ୍ତି ହେତୁ 'ହଁ' ମାରି "ସଂସ୍କୃତି ବିହାର"ରେ ସାମିଲ ହେଲି । ସରୋଜ ଭାଇ ସଦସ୍ୟ ଫର୍ମରେ ଦସ୍ତଖତ କରାଇ ନେଲେ ।

ସଂସ୍କୃତି ବିହାରର ପରିଚାଳନା ଭାର ନାରଣ ଭାଇ, ସରୋଜ ଭାଇ ଏବଂ ନିର୍ମଳ ଭାଇନା ପ୍ରଭୃତିଙ୍କ ଉପରେ ନ୍ୟସ୍ତ । ସେମାନେ ସବୁ ବୁଝନ୍ତି । ମୁଁ କେବଳ ଜଣେ ବିହ୍ୱଳ ସମର୍ଥକ ମାତ୍ର । ଦୂରରେ ରହି ସମର୍ଥନ ଜଣାଏ ଏବଂ ଏମାନଙ୍କ ବଳିଷ୍ଠ ଉଦ୍ୟମକୁ ପ୍ରଶଂସା କରେ ।

ସଂସ୍କୃତି, ସମୟର ଅନୁଧାବନ କରେ ନା ସମୟ, ସଂସ୍କୃତିର ଅନୁଧାବନ କରେ ଏକଥାର ସମାଧାନ କିଛି ନାହିଁ । ସଂସ୍କୃତି ଚିରକାଳ ଗତିଶୀଳ ଏବଂ ସମୟ ମଧ୍ୟ ଗତିଶୀଳ । ଏହି ପ୍ରବହମାନତାରେ ସମୟ, ସଂସ୍କୃତି ଦ୍ୱାରା ଏବଂ ସଂସ୍କୃତି, ସମୟ ଦ୍ୱାରା ନିଶ୍ଚିତ ଭାବେ ପ୍ରଭାବିତ ହେଉଥିବେ । ଏହି ପରିବର୍ତ୍ତନର ଧାରାକୁ ମୁଁ ସ୍ୱାଗତ ଜଣାଉଛି। 'ସଂସ୍କୃତି ବିହାର"ର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ସଂସ୍କୃତି ବିହାରର ସମସ୍ତ କର୍ମୀମାନଙ୍କୁ ମୁଁ ସମ୍ମାନ ଜଣାଉଛି ।

*ଆକାଶବାଣୀ, କଟକ*